ODM EDUCATIONAL GROUP
Changing your Tomorrow

- CLASS: V
- SUBJECT : ଓଡିଆ
- CHAPTER NAME : ପାଠ- ୧୩ ଉତ୍କଳପୁତ୍ର ପ୍ୟାରୀମୋହନ
-
- SUBTOPIC : ବିଷୟ ବ୍ୟାଖ୍ୟା ଓ ଶବ୍ଦାର୍ଥ
-

ODM EDUCATIONAL GROUP
Changing your Tomorrow



Edit with WPS Office

ପ୍ୟାରୀମୋହନ ଆଚାର୍ଯ୍ୟ ୧୮୫୧-୧୮୮୧

ODM EDUCATIONAL GROUP
Changing your Tomorrow

ପ୍ୟାରୀମୋହନଙ୍କ ଜୀବନ ଥିଲା ଏକ ତପସ୍ୱୀର ଜୀବନ । ସେହି ବ୍ୟକ୍ତି ଜୀବନରେ ସିଦ୍ଧି ଲାଭ କରେ, ଯିଏ କର୍ମକୁ ତପସ୍ୟା ଭାବରେ ଗ୍ରହଣ କରି ନେଇଥାଏ । ପ୍ୟାରୀମୋହନ ସେହିପରି ଥିଲେ ଜଣେ କର୍ମସିଦ୍ଧ ବ୍ୟକ୍ତି । ସେତେବେଳେ କଟକରୁ 'ଉତ୍କଳଦୀପିକା' ଓ ବାଲେଶ୍ୱରରୁ 'ସମ୍ବାଦବାହିକା' ନାମରେ କେବଳ ଦୁଇଟି ମାତ୍ର ସମ୍ବାଦପତ୍ର ପ୍ରକାଶ ପାଉଥିଲା । ସେ ଅନୁଭବ କଲେ ଯେ ଏହା ଯଥେଷ୍ଟ ନୁହେଁ । ଏଥିପାଇଁ ସେ ନିଜ ଚେଷ୍ଟାରେ ୧୮୭୧ ମସିହାରେ 'ଉତ୍କଳପୁତ୍ର' ନାମରେ କଟକରୁ ଏକ ପତ୍ରିକା ପ୍ରକାଶ କଲେ । ଓଡ଼ିଶାର ବିଭିନ୍ନ ସମସ୍ୟା ଓ ଅସୁବିଧାକୁ ଠିକ୍ ଭାବରେ ଉପସ୍ଥାପନ କରି ସେ ଉକ୍ତ ପତ୍ରିକାଟିକୁ ପରିଚାଳନା କଲେ । ଏହି ପତ୍ରିକାର ସେ ଥିଲେ ଜଣେ ସୁଦକ୍ଷ ସମ୍ପାଦକ । ଏହା ହେଉଛି ତାଙ୍କ ଛାତ୍ର ଜୀବନର ଏକ ଉଲ୍ଲେଖଯୋଗ୍ୟ କୃତି । 'ଦରଖାସ୍ତ କୁତିଆନ୍' ଲେଖାଟି ଏହି ପତ୍ରିକାରେ ସେ ପ୍ରକାଶ କରିଥିଲେ । ପ୍ରଥମେ ଏହା ଥିଲା ହସ୍ତଲିଖିତ । ଏହି ହସ୍ତଲିଖିତ 'ଉତ୍କଳପୁତ୍ର'ର ସୁନାମ, ପ୍ରଭାବ ଓ ପ୍ରତିଷ୍ଠାରେ ମୁଗ୍ଧ ହୋଇ କର୍ମବୀର ଗୌରୀଶଙ୍କର ନିଜ ପ୍ରେସରେ ତାହାକୁ ଛାପିବାର ବ୍ୟବସ୍ଥା କରି ଦେଇଥିଲେ । ଫଳରେ ସେହିଦିନଠାରୁ 'ଉତ୍କଳପୁତ୍ର' ଛାପା ଅକ୍ଷରରେ ଆତ୍ମପ୍ରକାଶ କଲା । ଏଥିରେ ତରୁଣ ପ୍ୟାରୀମୋହନ ବ୍ରିଟିଶ୍ ଶାସନର ଅନ୍ୟାୟ, ଅବିଚାର ଏବଂ ସେତେବେଳର ସାମାଜିକ କୁସଂସ୍କାର ବିରୋଧରେ ନିର୍ଭୀକ ଭାବରେ ଲେଖାମାନ ଲେଖୁଥିଲେ ।

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବାର ବହୁ ପୂର୍ବରୁ ପ୍ୟାରୀମୋହନ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପରିକଳ୍ପନା କରିଥିଲେ । ସେ ୧୮୭୫ ମସିହାରେ 'ଓଡ଼ିଶାର ଇତିହାସ' ନାମରେ ଖଣ୍ଡିଏ ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକଟି ସେତେବେଳେ ସ୍କୁଲ ପାଠ୍ୟପୁସ୍ତକରୂପେ ମନୋନୀତ ହୋଇଥିଲା । ଏହା ହେଉଛି ଓଡ଼ିଆ ଭାଷାରେ ଲିଖିତ ପ୍ରଥମ ଇତିହାସ ପୁସ୍ତକ ।

Edit with WPS Office

ODM EDUCATIONAL GROUP
Changing your Tomorrow

ପ୍ୟାରୀମୋହନ ଏକ ଆଦର୍ଶ ନୀତିମୟ ଜୀବନ ଯାପନ କରୁଥିଲେ। ପ୍ରଲୋଭନଠାରୁ ସେ ଥିଲେ ବହୁ ଦୂରରେ । ଇଂରେଜ ସରକାରଙ୍କଦ୍ୱାରା ସେ ଡେପୁଟି ମାଜିଷ୍ଟ୍ରେଟ୍‌ଭାବେ ଏକ ନିଯୁକ୍ତି ପାଇଥିଲେ; କିନ୍ତୁ ସ୍ୱାଧୀନଚେତା ପ୍ୟାରୀମୋହନ ତାକୁ ଦୃଢ଼ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । "ସରକାର ମୋତେ ଯଦି ଇଂରେଜ ବଡ଼ଲାଟ୍ ପଦବୀ ଦିଅନ୍ତି ତାକୁ ମୁଁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହେଁ ।" କି ନିଃସ୍ୱାର୍ଥ ଓ ତ୍ୟାଗପୂତ ଜୀବନ ! ଏହା କ'ଣ ସାଧାରଣ ମଣିଷ ପକ୍ଷରେ ସମ୍ଭବ ହୋଇପାରେ !

ଏହି ମହାନ୍ ତ୍ୟାଗୀ ପୁରୁଷଙ୍କର ଜନ୍ମ କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ପଶ୍ଚୁଲଣ୍ଡା ଗ୍ରାମରେ ୧୮୫୨ ମସିହା ଅଗଷ୍ଟ ମାସ ୫ ତାରିଖରେ ହୋଇଥିଲା । ମାତ୍ର ୩୦ ବର୍ଷ ବୟସରେ ୧୮୮୧ ମସିହା ଡିସେମ୍ବର ୨୮ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା ।

ପ୍ୟାରୀମୋହନ ଥିଲେ ପିତାମାତାଙ୍କର ସୁଯୋଗ୍ୟ ସନ୍ତାନ। ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍କଳବାସୀଙ୍କର ସେବାପାଇଁ ଥିଲା ଅଭିପ୍ରେତ। ସେ ସ୍ୱଳ୍ପ ଜୀବନକାଳ ମଧ୍ୟରେ ଯାହା କରିଗଲେ, ତାହା ଓଡ଼ିଶାର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେଥିପାଇଁ ଗୋପବନ୍ଧୁଙ୍କର ନିମ୍ନୋକ୍ତ ପଦଟି ପ୍ୟାରୀମୋହନଙ୍କ ପ୍ରତି ପ୍ରଯୁଜ୍ୟ।



"ମାନବ ଜୀବନ
ନୁହଁଇ କେବଳ
ବର୍ଷ, ମାସ, ଦିନ, ଦଣ୍ଡ,

କର୍ମେ ଜୀଏଁନର
କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।"

Edit with WPS Office

# ଶବ୍ଦାର୍ଥ

ODM EDUCATIONAL GROUP
Changing your Tomorrow

ପ୍ରତ୍ୟାଖ୍ୟାନ – ମନା କରିବା

ସୁଯୋଗ୍ୟ – ଯୋଗ୍ୟ

ସ୍ୱଳ୍ପ – ଅଳ୍ପ

ଲିପିବଦ୍ଧ – ଲେଖାହେବା

Edit with WPS Office

# ଗୃହକର୍ମ

## କଠିନ ଶବ୍ଦ ଗୁଡ଼ିକୁ ଅଭ୍ୟାସ କର



# THANKING YOU

# ODM EDUCATIONAL GROUP

Edit with WPS Office